‘ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା’ ଉଦ୍‌ଘାଟିତ

# ସାଧାରଣ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଆମର ପ୍ରାଥମିକତା: ଧର୍ମେନ୍ଦ୍ର





ସମ୍ବଲପୁର, ୧୬।୨ (ସମିସ)

ଗରିବ ଓ ସାଧାରଣ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଆମର ପ୍ରାଥମିକତାରେ ରହିଛି। ଏହି ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାରେ ବସବାସ କରୁଥିବା ୩ ଲକ୍ଷ ପରିବାର ତଥା ୧୫ ଲକ୍ଷ ଜନସାଧାରଣଙ୍କ ପାଖରେ ମୌଳିକ ସୁବିଧା ଉପଲବ୍ଧ କରାଇବା ସହ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ତଥା ଜୀବନଜୀବିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅଇଁଠାପାଲି ପିଏଚ୍‌ଡି ପଡ଼ିଆଠାରେ ଆୟୋଜିତ ସୁଭଦ୍ରା ଶକ୍ତି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନ କରିବା ସହ ହିତାଧିକାରୀଙ୍କୁ ସରକାରୀ ଯୋଜନାର ଲାଭ ହସ୍ତାନ୍ତର କରିଛନ୍ତି ଶ୍ରୀ ପ୍ରଧାନ। ସମ୍ବଲପୁର ଏକ କୃଷିଭିତ୍ତିକ ଜିଲ୍ଲା ହୋଇଥିବାରୁ ଏଠାରେ ସାଧାରଣ ଚାଷ ସହ ମତ୍ସ୍ୟ ଓ ଦୁଗ୍ଧ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ଏମସିଏଲ ସହାୟତାରେ ନୂତନ ଗୋଦାମ ନିର୍ମାଣ ପାଇଁ ସହାୟତା ଦିଆଯାଇଛି। ସମ୍ବଲପୁରରେ ଥିବା ଓମଫେଡ୍ ପ୍ଲାଣ୍ଟରୁ କ୍ଷୀର ପାଉଡର, ଦହି ସମେତ ଅନ୍ୟାନ୍ୟ କ୍ଷୀର ଉତ୍ପାଦିତ ସାମଗ୍ରୀ ଉତ୍ପାଦନ କରାଯିବାର ଯୋଜନା ହେଉଛି। ଏହାଦ୍ୱାରା ସ୍ଥାନୀୟ ଚାଷୀମାନେ ବହୁଳ ଭାବେ ଲାଭବାନ ହେବେ। ‘କୃଷି ଉଦ୍ୟମୀ’ ଯୋଜନାରେ କୋଟି କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇ ଯୁବପିଢ଼ିଙ୍କୁ ଏହି କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ପ୍ରୟାସ କରାଯାଉଛି। ସମ୍ବଲପୁରରେ କ୍ରିୟାନ୍ୱୟନ ହେଉଥିବା ରିଂରୋଡ୍ ପ୍ରକଳ୍ପ ସମେତ ବିଭିନ୍ନ ସ୍ଥାନରେ ସଡ଼କପଥ ଭିତ୍ତିଭୂମିର ବିକାଶ, ଓଭରବ୍ରିଜ୍ ନିର୍ମାଣ ଏବଂ ଆନୁଷଙ୍ଗିକ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯାଉଛି। ସେହିପରି କେବଳ ସ୍ଥାନୀୟ ବିକାଶ ନୁହେଁ, ବରଂ ସମ୍ବଲପୁରର ବୌଦ୍ଧିକ ଓ ଶ୍ରମ ଶକ୍ତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ହସ୍ପିଟାଲିଟି ସେକ୍ଟରରେ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ସହାୟତାରେ ଯୁବବର୍ଗଙ୍କୁ ଚୟନ କରାଯାଇ ଜାପାନ ଓ ଡେନମାର୍କ ଭଳି ଦେଶକୁ ପଠାଯିବାର ଯୋଜନା ହୋଇଛି। କୃଷି, ହର୍ଟିକଲଚର, ମତ୍ସ୍ୟ ଓ ପଶୁପାଳନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରତିଟି ପରିବାରର ଜୀବନଶୈଳୀରେ ଉନ୍ନତି ଆଣିବା ଏବଂ ସମ୍ବଲପୁରକୁ ଏକ ସମୃଦ୍ଧ ଓ ଆଧୁନିକ ଜିଲ୍ଲା ଭାବେ ଗଢ଼ିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କିଛି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିବା ସହ ଏମ୍‌ସିଏଲର ସିଏସଆର ପଦକ୍ଷେପ ଅନ୍ତର୍ଗତ ଚାଷୀମାନଙ୍କୁ ଅଧିକ କ୍ଷୀର ଦେଉଥିବା ଗାଈ ବିତରଣ କରିଥିଲେ।

# ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା, ଡ୍ରାଇଭର ଗୁରୁତର

ରେଢ଼ାଖୋଲ, ୧୬।୨ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଡବାହାଲ ପଞ୍ଚାୟତ ହାତୀବାହାଲ ଛକ ନିକଟରେ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ଟ୍ରକ୍‌ରେ ଡ୍ରାଇଭର ଚାପି ହୋଇ ରହିଥିଲେ। ରେଢାଖୋଲ ଅଗ୍ନିଶମ ବିଭାଗ ଉଦ୍ଧାର କରି ରେଢାଖୋଲ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ରେଢାଖୋଲ ବୌଦ୍ଧ ୧୫୩(ବି) ଜାତୀୟ ରାଜପଥ ରାସ୍ତାର ବଡବାହାଲ



ପଞ୍ଚାୟତ ହାତୀବାହାଲ ଛକ ନିକଟରେ ରେଢାଖୋଲ ପଟୁ ଯାଉଥିବା ଲୁହା ବଟକରା ବୋଝେଇ ଟ୍ରକ୍ ସହ ବିପରୀତ ଦିଗ ବୌଦ୍ଧ ପଟରୁ ଆସୁଥିବା ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଗୋଟିଏ ଟ୍ରକ୍‌ର ଡ୍ରାଇଭର ଟ୍ରକ୍‌ରେ ଚାପି ହୋଇ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା କଡ ଜଙ୍ଗଲ ଭିତରକୁ ପଶିଯାଇଥିଲା। ଗାଡିର ଡ୍ରାଇଭର ଗାଡି ଛାଡି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ସେପଟେ ରେଢାଖୋଲ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି।

# ଏନ୍‌ଏଚ୍‌ଏଆଇ ଅବହେଳାରୁ ଚାଲିଗଲା ଜୀବନ

**ଡ୍ରେନରେ ପଡ଼ି ଜଣେ ମୃତ**

**ରାସ୍ତାରେ ଶବ ରଖି ପ୍ରତିବାଦ**

ସମ୍ବଲପୁର, ୧୬।୨ (ସମିସ): ଏନଏଚ୍‌ଏଆଇ ଅବହେଳାରୁ ଜଣଙ୍କର ଜୀବନ ଚାଲିଯାଇଛି। ଖୋଲା ଥିବା ଡ୍ରେନରେ ପଡ଼ି ଜଣେ ମୃତ୍ୟୁ ହୋଇଛି। ମୃତକ ଅଇଁଠାପାଲି ଥାନା ଅନଗୁଳିଆପଡ଼ାର ଡମ୍ବରୁ ଯାଦବ(୩୫)। ଏହି ଘଟଣା ପରେ ପରିବାର ଲୋକ ଶବକୁ ଜାତୀୟ ରାଜପଥରେ ରଖି ପ୍ରତିବାଦ କରିଥିଲେ। ଜାତୀୟ ରାଜପଥ ୫୫ରେ ଶହ ଶହ ଗାଡି ଅଟକି ରହିଥିଲା। ଏନଏଚ୍‌ଏଆଇ ଅବହେଳା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ସୂଚନା ଅନୁସାର ଏନଏଚ୍‌ଏଆଇ ପକ୍ଷରୁ ଅଇଁଠାପାଲିରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରହିଛି। ପୂର୍ବରୁ ଥିବା ରାସ୍ତାକୁ ଭାଙ୍ଗି, ଦୁଇ ପାର୍ଶ୍ୱରୁ ଜବରଦଖଲ ହଟାଇ ବ୍ରିଜ କାର୍ଯ୍ୟ ଚାଲୁ ରହିଛି। ସର୍ଭିସ ରୋଡର ଡ୍ରେନ କାର୍ଯ୍ୟ ମଧ୍ୟ ଚାଲୁଛି। ହେଲେ ଅଧିକାଂଶ ସ୍ଥାନରେ ଡ୍ରେନ ଖୋଲା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି। କେତେକ ସ୍ଥାନରେ ଲୁହା ରଡ଼ ମଧ୍ୟ ବାହାରି ରହିଛି। ସର୍ଭିସ ରୋଡର ଦୁଇ ପାର୍ଶ୍ୱରେ ବିଭିନ୍ନ ପଡ଼ା ରହିଛି। ଫଳରେ ଅନେକ ଲୋକ ପ୍ରତିଦିନ ଯିବା ଆସିବା କରୁଛନ୍ତି। ଆଜି ମଧ୍ୟ ସନ୍ଧ୍ୟାରେ ଡମ୍ବରୁ ଘରକୁ ଫେରୁଥିଲେ। ମୁକୁଳା ଡ୍ରେନରେ ପଡ଼ି ତାଙ୍କର ମୃତ୍ୟୁ ହୋଇଛି। ଏହାକୁ ପ୍ରତିବାଦ କରି ପରିବାର ଲୋକ ଅନଗୁଳିଆପଡ଼ା ଜାତୀୟ ରାଜପଥ ୫୫ରେ ଶବ ରଖିଥିଲେ। ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ରାତି ୯ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଜିଲ୍ଲା ବିକାଶ ସମନ୍ୱୟ ଓ ମନିଟରିଂ କମିଟିର ସମୀକ୍ଷା ବୈଠକ

ସମ୍ବଲପୁର, ୧୬।୨ (ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମ୍ବଲପୁରର ଜିଲ୍ଲା ବିକାଶ ସମନ୍ୱୟ ଓ ମନିଟରିଂ କମିଟି (ଦିଶା)ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ,




ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ଯୋଗ ଦେଇଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ବୈଠକରେ ଯୋଗଦେଇ ସମସ୍ତ ସରକାରୀ କର୍ମଚାରୀଙ୍କୁ ‘ଏଆଇ’ର ଉପକାରିତା ବିଷୟରେ ଅବଗତ ହେବା ସହ ତାର ସଠିକ ବ୍ୟବହାର କରିବାକୁ କହିଥିଲେ। ନିଜର ସାମାଜିକ, କର୍ମକ୍ଷେତ୍ରରେ ଦକ୍ଷତା ଓ ନିଜର ଆତ୍ମବିଶ୍ୱାସକୁ ବଢ଼ାଇବା ପାଇଁ ନୂଆ ଢାଞ୍ଚାକୁ ଜାଣିବା ଦରକାର, ନୂଆ ପଦ୍ଧତିକୁ ଆପଣେଇବା ଦରକାର ବୋଲି ସେ କହିଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାପାଳ ତଥା ଦିଶା କମିଟିର ସଦସ୍ୟ ସଚିବ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିଲାବେଳେ ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା। ସମ୍ବଲପୁର ଜିଲ୍ଲାରେ ବିଦ୍ୟୁତିକରଣ, କୃଷି, ଉଦ୍ୟାନକୃଷି, ମତ୍ସ୍ୟଚାଷ, ପୂର୍ତ୍ତ ବିଭାଗର ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ଗୃହ ବିଦ୍ୟୁତିକରଣ ଓ ବିଦ୍ୟୁତ ଢାଞ୍ଚା ଉନ୍ନୟନ କାର୍ଯ୍ୟ ସମ୍ବନ୍ଧରେ ଲାଭାନ୍ୱିତଙ୍କ ବିବରଣୀ ପ୍ରଦାନ କରାଯାଇଥିଲା। ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଅନ୍ୟାନ୍ୟ ସମନ୍ୱୟ ବୃଦ୍ଧି କରିବାକୁ ଉଲ୍ଲେଖ କରିଥିଲେ। ଅଧ୍ୟକ୍ଷଙ୍କ ଦ୍ୱାରା ବିଭାଗମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ଓ ଲୋକହିତକାରୀ ଯୋଜନାଗୁଡ଼ିକୁ ସଠିକ ଭାବେ ପ୍ରଣୟନ କରିବାକୁ କୁହାଯାଇଥିଲା। ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଉତ୍ତରାଞ୍ଚଳ ଆଇଜି ହିଂମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭିସୁଟ୍‌ରେ ଆନ୍ତର୍ଜାତିକ ପଦାର୍ଥ ବିଜ୍ଞାନ ସମ୍ମିଳନୀ

ସମ୍ବଲପୁର, ୧୬।୨ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଦୁଇଦିନିଆ ଆନ୍ତର୍ଜାତିକ ପଦାର୍ଥ ବିଜ୍ଞାନ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମିସିଗାନ ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର ଶୁଭେନ୍ଦ୍ର ଡି.ମହାନ୍ତି ମୁଖ୍ୟବକ୍ତା ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍‌ସ, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ




ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ତଥା ଅନ୍ୟ ବକ୍ତାମାନେ‘ରିସେଣ୍ଟ ଏଡ୍‌ଭାନ୍ସମେଣ୍ଟ ଇନ୍ ଫିଜିକ୍‌ସ’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ବିଭାଗୀୟ ମୁଖ୍ୟ ତଥା ସଭାପତି ଡ. ସୁନନ୍ଦା ପତ୍ରୀ, ସଂଯୋଜକ ଡ. ଅକ୍ଷୟ କୁମାର ପଟ୍ଟନାୟକ ଏବଂ ଡ. ସୌମ୍ୟା ଶାଶ୍ୱତୀ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ସହ-ସଂଯୋଜକ ଭାବେ ଡ. ଝସକେତନ ଭୋଇ, ଡ. ପ୍ରକାଶ କୁମାର ସାହୁ ଏବଂ ପାର୍ବତୀ ନାଏକ ଉପସ୍ଥିତ ଥିଲେ। ଡିନ୍ (ଏଫ୍‌ଆଣ୍ଡପି) ପ୍ରଫେସର ହରିଶ କୁମାର ସାହୁ, ଡିନ୍ (ସିଡିସିଇ) ପ୍ରଫେସର ଗଣେଶ୍ୱର ନାଥ, ଡିନ୍ (ଏସ୍‌ଆର୍‌ଆଇସି) ସୁକଲ୍ୟାଣ ଦାଶ ଏବଂ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକା, ଗବେଷକ ତଥା ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

ସମ୍ମିଳନୀରେ ୧୫ ଜଣ ପ୍ରମୁଖ ବକ୍ତା ଦେଶ ଓ ବିଦେଶର ବିଭିନ୍ନ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଯଥା - ନାଇଜର, ଆଇଏମ୍‌ଏମ୍‌ଟି, ଆଇଆଇଆଇଟି ଭୁବନେଶ୍ୱର, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଟୋକିଓ ବିଶ୍ୱବିଦ୍ୟାଳୟ (ଜାପାନ), ସିଏଜେନ୍ ବିଶ୍ୱବିଦ୍ୟାଳୟ (ଜର୍ମାନୀ), ସ୍ଲୋଭାକ୍ ଏକାଡେମୀ ଅଫ୍ ସାଇନ୍ସେସ୍ ବାଟିସ୍‌ଲାଭା, ଆଇଆଇଟି ବିଏଚ୍‌ୟୁ, ଆଇଆଇଟି ଧାନବାଦ, ଏନ୍‌ଆଇଟି ରାଉରକେଲା, ଆଇଜିଆଇଟି ସାରଙ୍ଗ ଇତ୍ୟାଦି। ୨୫ ଜଣ ଅଧ୍ୟାପକ ଓ ଗବେଷକ ନିଜ ଗବେଷଣା ସମ୍ବନ୍ଧୀୟ କାର୍ଯ୍ୟ ଉପସ୍ଥାପନ କରିଥିଲେ। ଏହାସହିତ ୪୦ଟି ମୌଖିକ ଓ ୫୦ଟି ପୋଷ୍ଟର ପିଏଚ୍‌ଡି ଏବଂ ସ୍ନାତକୋତ୍ତର ଏବଂ ପିଏଚ୍‌ଡି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଦେଶ ବିଦେଶରୁ ପ୍ରାୟ ୩୦୦ ବିଶେଷଜ୍ଞ, ଗବେଷକ ଓ ଛାତ୍ରଛାତ୍ରୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯୋଡ଼ି ହୋଇଥିଲେ।ଉଦ୍‌ଯାପନୀ ଅଧିବେଶନରେ ସଂଯୋଜକ ଡ. ସୌମ୍ୟା ଶାଶ୍ୱତୀ ଷଡ଼ଙ୍ଗୀ ସମ୍ମିଳନୀର ବିବରଣୀ ପ୍ରଦାନ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଶୁଭସ୍ତମ୍ଭ ସ୍ଥାପନ



ରେଢ଼ାଖୋଲ, ୧୬ ।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କଦମ୍ବ ପଡ଼ିଆଠାରେ ସୋମବାର ଦିନ ସାର୍ବଜନୀନ ବିଶ୍ୱଶାନ୍ତି ଅଷ୍ଟ ପ୍ରହରୀ ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଏବଂ ଦେବ ନିମନ୍ତ୍ରଣ ରୀତିନୀତି ବିଦ୍ଧିବିଦ୍ଧ ଅନୁଯାୟୀ ପୂଜାର୍ଚ୍ଚନା ହୋଇଯାଇଛି। କର୍ତ୍ତା ଭାବରେ ବିକାଶ ଦାସ ସହିତ ସପତ୍ନୀ ସରିତା ଦାସ କାର୍ଯ୍ୟନିର୍ବାହ କରିଥିଲେ। ପୂଜକ ଭାବରେ ପଣ୍ଡିତ ଚନ୍ଦ୍ରଶେଖର ସାସନୀ, ସୁବାଷ ପଣ୍ଡା, ବୃନ୍ଦାବନ ପାଣିଗ୍ରାହୀ ଓ ଅମିତାଭ ପାଣିଗ୍ରାହୀ ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇଥିଲେ। ନାମଯଜ୍ଞ କମିଟି ସଭାପତି ସୁନିଲ କୁମାର ପ୍ରଧାନ, ସମ୍ପାଦକ ତୁଷାର କାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ରୋହିତ ନାୟକ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

# ‘ଚିହ୍ନା ମୁହଁ’ ଓ ‘ତୁମ କଥା ମନେପଡ଼େ’ ଉନ୍ମୋଚିତ

ସମ୍ବଲପୁର, ୧୬।୨(ସମିସ): କଲମ ପରିବାର ଟ୍ରଷ୍ଟ ଆନୁକୂଲ୍ୟରେ ସାମ୍ବାଦିକ ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର ସାରସ୍ୱତ କାର୍ଯ୍ୟକ୍ରମରେ ଲେଖିକା ଅଳକା ମହାପାତ୍ରଙ୍କ ଦୁଇଟି ‘ପୁସ୍ତକ ଚିହ୍ନା ମୁହଁ’ ଓ ‘ତୁମ କଥା ମନେପଡ଼େ’



ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ଶ୍ରୀବନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ଯୋଗ ଦେଇଥିଲେ। ପୁସ୍ତକକୁ ଡ. ସତ୍ୟନାରାୟଣ ଠାକୁର ଓ ଡ଼ ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା ସମୀକ୍ଷା କରିଥିଲେ। ସବୁଠି ମନର ଅବାଧ ପ୍ରବେଶ। ଏଇ ମନ ମନର ପରିପ୍ରକାଶ ପାଇଁ କିଏ କହିବସେ ତ କିଏ ଲେଖିବସେ। କିଏ ଚିତ୍ର କରେ ତ କେହି କେହି ଠାରରେ ବୁଝାଇବାକୁ ଚେଷ୍ଟା କରେ। ସମଗ୍ର ବିଶ୍ୱ ମନର ପରିପ୍ରକାଶ ଅଟେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।କଲମ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବୟତ୍ରୀ ଅନୁପମା ବିଶ୍ୱାଳଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କବି ଓ କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ।

# ୯ରୁ ସମ୍ବଲପୁରରେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ସମ୍ବଲପୁର, ୧୬।୨ (ସମିସ) : ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୟୋଜିତ ଏବଂ ଜିଲ୍ଲା ପ୍ରଶାସନ ଏବଂ ମଞ୍ଚ ନାୟକ, ସମ୍ବଲପୁର ସହଯୋଗରେ ସମ୍ବଲପୁରରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ‘ରଙ୍ଗସଙ୍ଗମ’ ଆୟୋଜିତ ହେବ। ଏହା ଆସନ୍ତା ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରେକ୍ଷାଳୟ ‘ତପସ୍ୱିନୀ’ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଓଡ଼ିଶା ସଙ୍ଗୀତ ଏକାଡେମୀ ସଚିବ ଡଃ ଚନ୍ଦ୍ରଶେଖର ହୋତାଙ୍କ ଅଧ୍ୟକ୍ଷତାରେ ଏବଂ ସାଧାରଣ ପରିଷଦ ସଦସ୍ୟ ତଥା ମଞ୍ଚ ନାୟକର ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ଆବାହକତ୍ୱରେ ସୋମବାର ପ୍ରାକ୍ ପ୍ରସ୍ତୁତି ବୈଠକ ତପସ୍ୱିନୀ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ନାଟ୍ୟ ମହୋତ୍ସବର ବିଭିନ୍ନ ଦିଗ ବିଷୟରେ ବିଶଦ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଆଲୋକ, ଧ୍ୱନି, ସାଜସଜ୍ଜା, ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ରଞ୍ଜନ ସାହୁ, କର୍ମକର୍ତ୍ତା ଭାବଗ୍ରାହୀ ସାହୁ, ଭବାନୀ ଚରଣ ପଣ୍ଡା, ଅକ୍ଷୟ ମୁଦୁଲି, ଲକ୍ଷ୍ମୀଧର ବାରିକ, କ-ଖ-ଗ ର ବ୍ରଜେନ୍ଦ୍ର ନାୟକ, ଶ୍ରୀକଲ୍‌ଚରାଲ ଆସୋସିଏସନ୍‌ର ସତ୍ୟରଞ୍ଜନ ବେହେରା, ଚେତନା ନାଟ୍ୟ ଅନୁଷ୍ଠାନର ପ୍ରଶାନ୍ତ ମାଝୀ ଓ ସଞ୍ଜିବ ପାଢ଼ୀ, ସ୍ୱରର ମାନସ ରଞ୍ଜନ ମିଶ୍ର, ଅଦୃଶ୍ୟ ନାଟ୍ୟ ଅନୁଷ୍ଠାନର ଅତୀଶ ଶତପଥୀ, ସାହିଲ ନାୟକ ଓ ସମ୍ବଲପୁର କଳା ପରିଷଦର ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ମନ୍ଦିର ସଫେଇ

ସମ୍ବଲପୁର, ୧୬।୨ (ସମିସ) : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୁଢ଼ାରଜା ନଗର ସମ୍ବଲପୁର ପକ୍ଷରୁ ବୁଢ଼ାରଜା ପାହାଡ଼େଶ୍ୱର ବାବାଙ୍କ ଦେବାଳୟ ପରିସର ସଫେଇ କରାଯାଇଛି। ରବିବାର ମହାଶିବରାତ୍ରି ଉପଲକ୍ଷେ ଭକ୍ତମାନଙ୍କ ପ୍ରବଳ ସମାଗମ ତଥା ରାତ୍ରି ଉଜାଗର ଓ ଦୀପ ପ୍ରଜ୍ୱଳନ ଫଳରେ ଜମା ହୋଇପଡ଼ି ରହିଥିବା କୁଢ଼ କୁଢ଼ ବ୍ୟବହୃତ ପୂଜା ସାମଗ୍ରୀ ଦୀପ, ଧୂପ, ଘିଅ, ଚାଉଳ ଫୁଲ, ଫଳ, କଦଳୀ, ନଡ଼ିଆ ଖୋଳ, ଜୋତା, ଚପଲ ଆଦିକୁ ସ୍ୱୟଂସେବକ ମାନଙ୍କ ଦ୍ୱାରା ସଫାକରି ମନ୍ଦିର ପରିସରକୁ ପରିଷ୍କାର କରାଗଲା। ସେବା କାର୍ଯ୍ୟରେ ବୁଢ଼ାରଜା ନଗର କାର୍ଯ୍ୟବାହ ହରି ହରିପାଲ, ସେବା ପ୍ରମୁଖ ସୁରଥ ଭୋଇ, ବିଶ୍ୱରଞ୍ଜନ ଜେନା, ଶ୍ରୀ କୁମ୍ଭାର, ଆୟୁଷ ଭାଇ ସମେତ ସ୍ୱୟଂସେବକ ଓ ସ୍ୱୟଂସେବିକାମାନେ ଯୋଗଦେଇ ସେବା ପ୍ରଦାନ କରିଥିଲେ।



# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଡଙ୍ଗାପାଲ ବିଜୟୀ



ସମ୍ବଲପୁର, ୧୬।୨(ସମିସ): ସମ୍ବଲପୁର ଯୁଯୁମୁରା ଡଙ୍ଗାପାଲଗ୍ରାମ ଖେଳ ପଡ଼ିଆରେ ବିବିସିସି କ୍ଲବ୍ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି।। ବଡେମୁରା ଦଳକୁ ୭ ୱିକେଟରେ ହରାଇ ଡଙ୍ଗାପାଲ ଦଳ ବିଜୟୀ ହୋଇଛି। ଡଙ୍ଗାପାଲ ଦଳର ଜେକି ପ୍ରଧାନଙ୍କ ଚିତ୍ତାକର୍ଷକ ୯୧ ରନରେ ଦଳ ସହଜରେ ବିଜୟୀ ହୋଇଥିଲା। ଜେକି ମାତ୍ର ୨୧ ବଲରେ ୧୧ ଛକା ମାରି ଏହି ବ୍ୟକ୍ତିଗତ ସ୍କୋର କରିଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଯୁଯୁମୁରା କେନ୍ଦୁ ଲିଭ୍ ରେଞ୍ଜର ସଞ୍ଜୟ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଦୀପକ ବିଶ୍ୱାଳ, ଦୀପକ ପ୍ରଧାନ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଡ଼ଙ୍ଗାପାଲ ଦଳ ଟସ୍ ଜିତି ବଡେମୁରା ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା। ଦଳ ୫ ୱିକେଟ ହରାଇ ୧୦୧ ରନ ସ୍କୋର କରିଥିଲା। ବଡେମୁରା ଦଳର ରାହୁଲ ସର୍ବାଧିକ ୩୬ ରନ କରିଥିଲେ। ଡ଼ଙ୍ଗାପାଲ ଦଳ ୧୦୨ ରନ ଲକ୍ଷ ନେଇ ପଡ଼ିଆକୁ ଓହ୍ଲାଇଥିଲେ ଓ ସହଜରେ ବିଜୟ ହୋଇଥିଲେ। ସୁଜିତ୍ ପ୍ରଧାନ ଓ ଦୀପକ ପ୍ରଧାନ ଅମ୍ପାୟାର କାର୍ଯ୍ୟ ତୁଲାଇଥିବା ବେଳେ ସୁଧୀର ହୋତା ଧାର ବିବରଣୀ ପ୍ରଦାନ କରିଥିଲା। ନିଶାନ୍ତ କୁମାର ପ୍ରଧାନ, ସୁମନ ପ୍ରଧାନ, ସୁବ୍ରତ ପ୍ରଧାନ ସହଯୋଗ କରିଥିଲେ।

■ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା ପାଇଁ ପ୍ରସ୍ତୁତି

# ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା

ରେଢ଼ାଖୋଲ, ୧୬ ।୨(ସମିସ)



ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୨୦ ଓ ୨୧ ତାରିଖରେ ଆୟୋଜିତ ହେବାକୁ ଯାଉଥିବା ଦୁଇ ଦିନିଆ ଗଣଧାରଣାକୁ ସଫଳ କରିବା ପାଇଁ ପ୍ରସ୍ତୁତି ମୂଳକ ଆଲୋଚନା ବୈଠକ ସୋମବାର ଦିନ ରେଢ଼ାଖୋଲରେ ଅନୁଷ୍ଠିତ ହୋଇଯାଇଛି। ଡିଭିଜନରେ ଥିବା ଶତାଧିକ ସିଜନାଲ୍ କର୍ମଚାରୀ ଓ ତୋଳାଳୀ ମାନେ ନିଜ ନିଜ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ସୂଚନା ଯୋଗ୍ୟ ଯେ ଗତବର୍ଷ ଓ ଚଳିତ ବର୍ଷ ନୂତନ କାର୍ଯ୍ୟ ଋତୁ ଆରମ୍ଭ ହେଉଥିଲେ ମଧ୍ୟ କେନ୍ଦୁପତ୍ର ତୋଳାଳୀଙ୍କ କେରି ପ୍ରତି ଦର ବୃଦ୍ଧି ଘୋଷଣା ହୋଇନାହିଁ। ସିଜନାଲ୍ କର୍ମଚାରୀଙ୍କ ମାସିକ ମଜୁରୀ ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ବୃଦ୍ଧି ହୋଇନାହିଁ। ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି ନ ହେବା ସହ ବୋନସ୍ ରାଶି କ୍ରମେ ହ୍ରାସ ପାଉଛି ଏବଂ ଚଳିତ ବର୍ଷର ବୋନସ୍ ଘୋଷଣା ହୋଇନାହିଁ। ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ କରିବାକୁ ସଂଘ ଦାବି କରିଛି। ମୃତ୍ୟୁ କାଳୀନ ସହାୟତା କୁ ୨ ଲକ୍ଷରୁ ୪ ଲକ୍ଷ୍ୟ କରିବା ଦାବି କରାଯାଇଛି। ଏହାସହ କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଏବଂ କେଏଲ ଡିବି ରେ ସଂଶୋଧନ ସହ ବୈଠକେ ଆହ୍ୱାନ କରାଯାଇନଥିବାରୁ ସଂଘ ଚରମ ଆନ୍ଦୋଳନର ସଚେତନତା ଜାରି କରିଛି। ଆସନ୍ତା ୨୦ ଓ ୨୧ ତାରିଖରେ ଗଣଧାରଣା ପରେ ଦାବିପୂରଣ ନ ହେଲେ ୨୭ ତାରିଖରେ ରାଜ୍ୟର ୨୨ ଟି ଜିଲ୍ଲାର ଜାତୀୟ ଓ ରାଜ୍ୟ ରାଜପଥରେ ରାସ୍ତାରୋକ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ଆହ୍ୱାନ କରିଥିଲେ। ଏହି ବୈଠକ ଶେଷରେ ରେଢ଼ାଖୋଲ କେନ୍ଦୁପତ୍ର ଡିଏଫଓ କ୍ଷୀରୋଦ ବେହେରାଙ୍କ ସହ ଡିଭିଜନର ବିଭିନ୍ନ ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।ବୈଠକରେ ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ସହ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଦେବଜ୍ୟୋତି ପଟ୍ଟନାୟକ, ଭିକାରି ପ୍ରଧାନ, ସତ୍ୟବାଦୀ ନାୟକ, ଜିତେନ୍ଦ୍ର ଷଣ୍ଢ, ନୀଳାଦ୍ରି ପ୍ରଧାନ, ପ୍ରମୋଦ ସାହୁ, ମକଧ୍ୱଜ ପ୍ରଧାନ, ଟିକେଶ୍ୱର ଝାଙ୍କର, ଅରୁଣ ପ୍ରଧାନ, ଆର୍ଯ୍ୟନ ବହିଦାର, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଅତାବିରା ପାକ୍ସ ଦୋକାନ ଗୃହର ଶିଳାନ୍ୟାସ



ଅତାବିରା,୧୬।୨(ସମିସ): ଅତାବିରା ପ୍ରାଥମିକ କୃଷି ସମବାୟ ସମିତି ଦୋକାନ ଗୃହର ଶିଳାନ୍ୟାସ ବିଧାୟକ ନିହାର ମହାନନ୍ଦଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ୮୭ ଲକ୍ଷ ୬୨ ହଜାର ବ୍ୟୟ ଅଟକଳରେ ୧୯ଟି ଦୋକାନ ଗୃହ ନିର୍ମାଣ ହେବ। ଶିଳାନ୍ୟାସ ବେଳେ ସମିତି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା, ଡିଆର୍‌ସିଏସ୍ ଯୁଗଳ କିଶୋର ଦାଶ, ଏଆର୍‌ସିଏସ୍ ରାଧାକୃଷ୍ଣ ମେହେର, ଏରିଆ ଅଫିସର ପ୍ରଫୁଲ୍ଲ ମହାନନ୍ଦ, ସମ୍ପାଦକ ସଞ୍ଜୟ ନାୟକ, ଚାଷୀ ନେତା ବୀରେନ୍ଦ୍ର କର, ସାଂସଦ ଏନ୍‌ଏସି ପ୍ରତିନିଧି ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମହୁଲପାଲି ବାଲୁକା ଖଣିରେ ବେଆଇନ ଖନନ

ପଦ୍ମପୁର,୧୬।୨(ସମିସ)




ଜଗଦଲପୁର ଥାନା ଅନୁଯାୟୀ ମହୁଲପାଲି ବାଲିଘାଟରେ ଅବୈଧ ଖନନ ଓ ପରିବହନ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଶେଖ ମହମ୍ମଦ ୱାଜିଦ ଓରଫ ଛୁଟକା (୪୪) ପଦ୍ମପୁରଙ୍କୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ବରଗଡ଼ ଖଣି ଅଧିକାରୀ ଅଜୟ ପ୍ରଧାନ (୫୭)ଙ୍କ ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡିଛି ଯେ, ମହୁଲପାଲି ବାଲି ଘାଟ ମନୋଜ ପ୍ରଧାନଙ୍କ ନାମରେ ଲିଜ୍ ହୋଇଥିବା ବେଳେ ଶେଖ ମହମ୍ମଦ ୱାଜିଦ ଓରଫ ଛୁଟକା ଜେନେରାଲ ପାୱାର ଅଫ୍ ଆଟର୍ନି ଚୁକ୍ତି ମାଧ୍ୟମରେ ଅବୈଧ ଭାବେ ଖନନ କାର୍ଯ୍ୟ ଚାଲାଉଥିଲା। ସେ ବାଲି ପରିବହନ ସମୟରେ ଆବଶ୍ୟକ ପାସ୍ ବିନା ଯାନବାହନ ଚଳାଚଳ କରୁଥିବା ଓ ଏହା ପୂର୍ବରୁ ମଧ୍ୟ ଅନେକଥର ଯାନବାହନ ଜବତ ହୋଇ ଜରିମାନା ହୋଇଥିବା ସୂଚନା ମିଳିଛି। ଏପରିକି ଅଭିଯୋଗ କରୁଥିବା ଗ୍ରାମବାସୀଙ୍କୁ ଧମକ ଦେବା ଅଭିଯୋଗ ମଧ୍ୟ ଥିବା ଜଣାପଡିଛି। ଜାନୁଆରୀ ୧୮ରେ ଜଗଦଲପୁର ପୁଲିସ ଅଜହରୁଦ୍ଦିନ ଖାନ (୪୦) ଓ ମନୋଜ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ଥିଲା। ମୁଖ୍ୟ ଅଭିଯୁକ୍ତ ଶେଖ ମହମ୍ମଦ ୱାଜିଦ ଓରଫ ଛୁଟକା ଘଟଣା ପରେ ଫେରାର ଥିବା ବେଳେ ଶେଷରେ ଗତ ୧୪ ତାରିଖରେ ପୁଲିସ ତାଙ୍କୁ ଗିରଫ କରିଛି। ଏହାସହ ମୋଟ ୫ଟି ଯାନବାହନ ଜବତ କରିଛି। ସେଥି ମଧ୍ୟରେ ୨ଟି ଡମ୍ପର, ଗୋଟିଏ ଟାଟା ସଫାରି, ଗୋଟିଏ ସୁଜୁକି ଏର୍ଟିଗା, ଗୋଟିଏ ଟାଟା ଟିଆଗୋ କାରକୁ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଜଗଦଲପୁର ଥାନାରେ ହତ୍ୟା, ଧମକ ଓ ଅବୈଧ ବାଲି ଉତ୍ତୋଳନ ଖନନ ସମ୍ବନ୍ଧୀୟ ମାମଲା ରହିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ମନୋଜ ପ୍ରଧାନ ଜଣେ ନିର୍ବାଚିତ ସରପଞ୍ଚ ହୋଇଥିବା ବେଳେ କିପରି ତାଙ୍କ

**ମୁଖ୍ୟ ଅଭିଯୁକ୍ତ ଗିରଫ, ୫ ଗାଡ଼ି ଜବତ**

ନାମରେ ବାଲିଘାଟ ଲିଜ ହେଲା ତାହା ତଦନ୍ତ ସାପେକ୍ଷ ବୋଲି ପ୍ରଶ୍ନ ଉଠିଛି। କୌଣସି ଜାଗାରେ ବେଆଇନ ଭାବେ କୌଣସି କାର୍ଯ୍ୟ ହେଉଛି ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ଜନସାଧାରଣ ଅଭିଯୋଗ କରନ୍ତୁ ବୋଲି ଏସପି ପ୍ରହଲ୍ଲାଦ ସହାୟ ମୀନା କହିଛନ୍ତି।

## ପଦ୍ମପୁର ଠିକାଦାର ସଂଘର ବୈଠକ



ପଦ୍ମପୁର,୧୬।୨(ସମିସ): ଆଜି ପଦ୍ମପୁର ସ୍ଥିତ ଡାକବଙ୍ଗଳା ଠାରେ ବୋଡାସମ୍ବର ଠିକାଦାର ସଂଘର ବରିଷ୍ଠ ସଦସ୍ୟ ମାନଙ୍କୁ ନେଇ ଏକ ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର କୋଷାଧ୍ୟକ୍ଷ ବରିଷ୍ଠ ଠିକାଦାର କିଶୋର ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ସୂଚନା ପ୍ରଦାନ ପୂର୍ବକ ଆଗାମୀ ଦିନରେ ସମସ୍ତ ଠିକାଦାର ଏକତା ଅବଲମ୍ବନ କରି ସଂଗଠନକୁ ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ପାଦକ ଧରମ ପାଢ଼ୀ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ଆମ ନିର୍ବାଚନ ମଣ୍ଡଳୀର ଠିକାଦାର ମାନଙ୍କ ଭିତରେ ଏକତା ଏବଂ ସମନ୍ୱୟ ରଖିବାକୁ ଅନୁରୋଧ କରିଥିଲେ। ସଂଘର ସମସ୍ତ ଠିକାଦାର ମାନେ ଆଗାମୀ ଦିନରେ ନିଜ ଭିତରେ ପ୍ରତିଯୋଗିତା ନକରି ଠିକ୍ ରେଟ୍‌ରେ ଉତ୍ତମ କାମ କରି ଲାଭବାନ ହେଇପାରିବା ବୋଲି ଦର୍ଶାଇଥିଲେ। ଉପସ୍ଥିତ ସଦସ୍ୟ ମାନେ ମଧ୍ୟ ସଂଗଠନକୁ ମଜବୁତ୍ କରିବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଉପସ୍ଥିତ ସଂଘର ସମସ୍ତ ସଦସ୍ୟଙ୍କ ନିଷ୍ପତ୍ତି କ୍ରମେ ଆଗାମୀ ଟେଣ୍ଡର୍‌ରେ ନିର୍ବାଚନ ମଣ୍ଡଳୀର ତିନି ବ୍ଲକ୍ ବ୍ୟତୀତ ବାହାରର କୌଣସି ଠିକାଦାର ଏଠାରେ ଟେଣ୍ଡର୍ ପକାଇବେ ନାହିଁ ବୋଲି ସମ୍ପାଦକ ଧରମ ପାଢ଼ୀ ଅନ୍ୟ ଅଚଳର ଠିକାଦାର ମାନଙ୍କୁ ଅନୁରୋଧ କରିଛନ୍ତି। ବୋଡାସମ୍ବର ଠିକାଦାର ସଂଘର ଆଗାମୀ ବୈଠକ ଆହୁରି ସଦସ୍ୟ ମାନଙ୍କୁ ନେଇ ଖୁବ୍‌ଶୀଘ୍ର ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ବୈଠକରେ ସଂଘର ଉପସଭାପତି ଦିନେଶ ପ୍ରାଣିଗ୍ରାହୀ ଏବଂ ଶୁଶାନ୍ତ ନାଗ, କୁନାଲ ସିଂ ବରିହା, ନନ୍ଦ କିଶୋର ଶ୍ରୀବାସ୍ତବ, ଇକବାଲ୍ ଅହମ୍ମଦ, ସନାତନ ସାହୁ, ଅଭିଜିତ ପତି, ପ୍ରିତିଶ ମହାପାତ୍ର, ଆଶୁତୋଷ ସାହୁ, ରାଜୁ ସାହୁ, ଗୋପାଳ ମିଶ୍ର, ପ୍ରକାଶ ସାହୁ, ବିକାଶ ମିଶ୍ର, ହରି ପଟ୍ଟନାୟକ, ସନ୍ତୋଷ ବହିଦାର, ଗାଦି ପଟ୍ଟନାୟକ, ରୋହିତ ଅଗ୍ରୱାଲ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କୁନାଲ ସିଂ ବରିହା ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ

ପଦ୍ମପୁର,୧୬।୨(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ସରେଇକେଲା ଗାଁରେ ଆରାଧ୍ୟ ଦେବ ଦେବ ବିମଳେଶ୍ୱର ବାବାଙ୍କ ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ଆୟୋଜିତ ୨୫ତମ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଭକ୍ତିମୟ ପରିବେଶ ମଧ୍ୟରେ ସଫଳତାର ସହିତ ସମ୍ପନ୍ନ ହୋଇଛି।



ଦୁଇ ଦିନ ଧରି ଚାଲିଥିବା ଏହି ଧାର୍ମିକ କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପଞ୍ଚସଖା କୀର୍ତ୍ତନ ମଣ୍ଡଳୀ ଚିରୋଲି, ମହିଳା କୀର୍ତ୍ତନ ମଣ୍ଡଳୀ ବଡକୁଞ୍ଜାରୀ, ଶ୍ରୀରାଧେ କୀର୍ତ୍ତନ ମଣ୍ଡଳୀ କଠଉମାଳ, ଶାନ୍ତିମୟୀ କୀର୍ତ୍ତନ ମଣ୍ଡଳୀ ସାପଲହର, ସରେଇ ଖେଳା କରମସାନି କୀର୍ତ୍ତନ ମଣ୍ଡଳୀ ଓ ଗୌନ୍ତିଆ ପଡା କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ନିରବିଚ୍ଛିନ୍ନ ନାମ ସଂକୀର୍ତ୍ତନ କରିଥିଲେ। ଗାଁର ଗୌନ୍ତିଆ ବିକାଶ ବହିଦାର ଓ ଧର୍ମପତ୍ନୀ ଅନୁସୟା ବହିଦାର ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଅଖଣ୍ଡ ହୋମଯଜ୍ଞ, ଭଜନକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସାପଲହର ନେଗୀ ପଡା କୀର୍ତ୍ତନ ମଣ୍ଡଳୀର ଗାୟକ ସୁଦର୍ଶନ ନେଗୀ, ବାୟକ ଉଦ୍ଧବ ନେଗୀ, କୁର୍ରିଚୁଆ ଶ୍ରୀ ନୃସିଂହ କୀର୍ତ୍ତନ ମଣ୍ଡଳୀ ବାୟକ ବିପିନ ମହାଲିଙ୍ଗ ଓ ଗାୟକ ସ୍ୱର୍ଗତଃ ହରିହର ମର୍ହିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନାରେ ପୂର୍ଣ୍ଣ ନେଗୀ, କୁଳମଣି ବାରିକ, ପ୍ରତାପ ସାହୁ, ବିକାଶ ସାହୁ, ସୁନୀଲ ପ୍ରଧାନ, ଭୀଷ୍ମଦେବ ବେହେରା, ଦେବାନନ୍ଦ ପ୍ରଧାନ, ନରୋତ୍ତମ ପ୍ରଧାନ, ସୁପତ ବେହେରା, ରାଜ କଶ୍ୟପ, ଅରୁଣ ପ୍ରଧାନ, ଦ୍ରୋଣ ବେହେରା, ନିରଞ୍ଜନ ପ୍ରଧାନ, ଅଶୋକ ପ୍ରଧାନ, ସନ୍ୟାସୀ ମାଝୀ, ତୀର୍ଥ ସାହୁ, ସୁନ୍ଦର ସାହୁ ଓ ଗାଁର ଯୁବ ଗୋଷ୍ଠୀ ସମେତ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାରେ ମହାଶିବରାତ୍ରି ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ସମାପନ ହୋଇଥିଲା।

## ସୋହେଲାରେ ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର

ସୋହେଲା,୧୬।୨(ସମିସ): ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା ଏବଂ ପଦ୍ମପୁର ଉପ-ଜିଲ୍ଲାପାଳ ସ୍ନେହା ଅରୁଗୁଲା ଉପସ୍ଥିତ ଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୫୪ଟି ଅଭିଯୋଗ ମଧ୍ୟରୁ ୪୩ଟି ବ୍ୟକ୍ତିଗତ, ୧୧ଟି ସାମୂହିକ ଅଭିଯୋଗ, ସେଥି ମଧ୍ୟରୁ ୨ଟି ରେଡ୍‌କ୍ରସ୍ ଓ ୨ଟି ଅଭିଯୋଗର ତତକ୍ଷଣାତ ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କର୍କଟ ରୋଗୀଙ୍କ ପରିବାରକୁ ସହାୟତା

ବରଗଡ଼,୧୬।୨(ସମିସ): ବରଗଡ଼ ଉପକଣ୍ଠ ତୋରା ଗାଁର ବାହାଦୁର ପଡାରେ ବାସ କରୁଥିବା ସଞ୍ଜୀବ ଦୀପ ଓ ସଞ୍ଜୁ ଦୀପଙ୍କର ୧୦ ବର୍ଷ ବୟସର ପୁତ୍ର ରୁଦ୍ରଦୀପ ଗତ ୨୦୨୨ରୁ ରକ୍ତ କର୍କଟ ରୋଗରେ ପୀଡିତ ଅଛନ୍ତି। ପ୍ରଥମେ ଭୁବନେଶ୍ୱର ଓ ପରେ ରାୟପୁରରେ ଚିକିତ୍ସା କରାଇ ଏବେ ପରିବାର ସର୍ବହରା ହୋଇ ପଡିଛନ୍ତି। ପରିବାର ସମ୍ପର୍କରେ ଜାଣିବା ପରେ ବରଗଡ଼ର ବିଶିଷ୍ଟ ସ୍ୱେଚ୍ଛାସେବୀ ସଂଗଠନ ହୃଦୟ-ଅଟଳ ପରିବାର ଓ ସଂଘମିତ୍ରା ଗ୍ରୁପ୍ ତାଙ୍କ ବାସଭବନକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବରଗଡ଼ ତଥା ଓଡ଼ିଶାର ବଦାନ୍ୟ ବ୍ୟକ୍ତି ଓ ସଂଗଠନ ଉକ୍ତ ପରିବାରକୁ ସହାୟତାର ହାତ ବଢ଼ାଇଲେ ଉକ୍ତ ଗରିବ ପରିବାର ଉପକୃତ ହୋଇ ପାରିବେ ବୋଲି ସ୍ୱେଚ୍ଛାସେବୀ ସଂଘମିତ୍ରା ପଟେଲ ଅନୁରୋଧ ଜଣାଇଛନ୍ତି।

## ଟାଉନ କ୍ଲବ୍‌ର ପ୍ରତିଷ୍ଠା ଦିବସରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ପଦ୍ମପୁର,୧୬।୨(ସମିସ): ପଦ୍ମପୁର ଟାଉନ କ୍ଲବର ୪୮ତମ ପ୍ରତିଷ୍ଠା ଦିବସ ଅବସରରେ କ୍ରିଷ୍ଣା ବିକାଶ ହସ୍ପିଟାଲ ଓ ଟାଉନ୍ କ୍ଲବର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସକାଳ ୯ରୁ ଦିନ ୧ପର୍ଯ୍ୟନ୍ତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହେବ। ଶିବିରକୁ ବରଗଡ ସାଂସଦ ପ୍ରଦୀପ ପୁରୋହିତ ଉଦଘାଟନ କରାଯିବା ନେଇ ସୂଚନା ରହିଛି। କ୍ରିଷ୍ଣା ବିକାଶ ହସ୍ପିଟାଲର ଡାକ୍ତରୀ ଦଳ ଓ ବିଶେଷଜ୍ଞ ମାନଙ୍କ ଠାରୁ ସ୍ୱାସ୍ଥ୍ୟ ସେବାର ସୁଯୋଗ ଗ୍ରହଣ କରିବା ପାଇଁ ଟାଉନ କ୍ଲବ ସଭାପତି ଅନୁରୋଧ କରିଛନ୍ତି।

## ଗଣଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ ହାଇସ୍କୁଲ ପରିଦର୍ଶନ



ବରଗଡ଼,୧୬।୨(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ରାଜଶ୍ରୀ ପଟ୍ଟନାୟକ ବରଗଡ଼ ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପହଞ୍ଚି ଶ୍ରେଣୀଗୃହ ପାଠ୍ୟଦାନ, ପୁସ୍ତକାଳୟ, ବିଜ୍ଞାନାଗାର ଆଦି ବୁଲି ଦେଖିଥିଲେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଏଡିଇଓ ଅମୃତା ସାହୁ, ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, ବରପାଲି ବିଇଓ ମୁକୁନ୍ଦ ମାହାରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିଚାଳିତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କୁ ପଚାରି ବୁଝିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ପିଏମଶ୍ରୀ କାର୍ଯ୍ୟକ୍ରମ, ଆତ୍ମସୁରକ୍ଷା ତାଲିମ ଓ ଅନ୍ୟାନ୍ୟ ଯୋଜନା ସମ୍ବନ୍ଧରେ ବୁଝିଥିଲେ। ଆଗକୁ ପରୀକ୍ଷା ଆସୁଥିବାରୁ ଏକାଗ୍ରତାର ସହ ପାଠ ପଢ଼ି ଭଲ ପରୀକ୍ଷା ଫଳ ପାଇଁ ଯତ୍ନଶୀଳ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ମାରୱାଡ଼ି ଯୁବ ମଞ୍ଚ ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର



ବରଗଡ଼,୧୬।୨(ସମିସ): ମାରୱାଡ଼ି ଯୁବ ମଞ୍ଚ ସୃଷ୍ଟି ଶାଖା ପକ୍ଷରୁ ୩ ଦିନିଆ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଆୟୋଜିତ ହୋଇଯାଇଛି। ଶିବିର ୧୪, ୧୫ ଏବଂ ୧୬ ତାରିଖ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଏବଂ ପଞ୍ଜୀକରଣ ଶିବିରର ପ୍ରଥମ ଦିନରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଦିଲୀପ ସାୱଡିଆ (ବ୍ୟବସାୟ ଚାମ୍ବରର ପୂର୍ବତନ ସଭାପତି), ସନ୍ଦୀପ ଗୁପ୍ତା (ଓଡ଼ିଶା ରାଜ୍ୟ ଉପାଧ୍ୟକ୍ଷ), ମାରୱାଡ଼ି ଯୁବ ମଞ୍ଚ ସଭାପତି ରବିନ୍ ଅଗ୍ରୱାଲ ଏବଂ ବନ୍ଦନା ଅଗ୍ରୱାଲ (ସୃଷ୍ଟି ଶାଖା ସଭାପତି) ଯୋଗ ଦେଇଥିଲେ। ପ୍ରଥମ ଦିନ ୧୫୦ରୋଗୀ ପଞ୍ଜିକୃତ ହୋଇଥିଲେ, ଯେଉଁଥିରେ କୃତ୍ରିମ ହାତ, କୃତ୍ରିମ ଗୋଡ, ଆଶାବାଡି, ଅନ୍ଧ ବାଡି ଏବଂ ଶ୍ରବଣ ଯନ୍ତ୍ର ଆବଶ୍ୟକ କରୁଥିବା ହିତାଧିକାରୀ ମାନେ ସାମିଲ ହୋଇଥିଲେ। ଉତ୍ପାଦନ ପ୍ରକ୍ରିୟା ୧୪ ତାରିଖରେ ପଞ୍ଜୀକରଣ ପରେ, ଜୟପୁରର ବିଶେଷଜ୍ଞ ଡାକ୍ତରଙ୍କ ଏକ ଦଳ ୧୫ରେ ସମସ୍ତ ପ୍ରକାରର କୃତ୍ରିମ ଅଙ୍ଗ ତିଆରି କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ୧୬ରେ ସମାପନ ଏବଂ ବଣ୍ଟନ କାର୍ଯ୍ୟକ୍ରମ ସହ ଶିବିରର ସମାପନ ସମାରୋହ ହୋଇଥିଲା। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଶ୍ୟାମ ସୁନ୍ଦର ଅଗ୍ରୱାଲ (ଦିବ୍ୟାଙ୍ଗ ଶକ୍ତିର ସଭାପତି), ସୁଧାଂଶୁ ଗଡତିଆ (ଠିକାଦାର ସଂଘ ସଭାପତି), ଅରୂପାନନ୍ଦ ସାହୁ (ବିଜେପି ଜିଲ୍ଲା ସଭାପତି) ଏବଂ କଳ୍ପନା ମାଝୀ (ପୌର ପରିଷଦ ଅଧ୍ୟକ୍ଷା) ଉପସ୍ଥିତ ଥିଲେ। ସୃଷ୍ଟି ଶାଖା ସଭାପତି ବନ୍ଦନା ଅଗ୍ରୱାଲ, ସଦସ୍ୟ ଏବଂ ଅତିଥି ମାନଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ବଣ୍ଟନ କରାଯାଇଥିଲା। ତିନି ଦିନରେ ପ୍ରାୟ ୧୫୦ ଜଣ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାହୋଇଥିଲା। ସୃଷ୍ଟି ଶାଖାର ସଭାପତି ବନ୍ଦନା ଅଗ୍ରୱାଲ, ସଚିବ ରେଣୁ ଅଗ୍ରୱାଲ, କୋଷାଧ୍ୟକ୍ଷ ଆରତି ଶର୍ମା, ପ୍ରକଳ୍ପ ନିର୍ଦ୍ଦେଶିକା ରଞ୍ଜିତା ଭୂତ, ସୁନିତା ଶର୍ମା, ପୂଜା ଶର୍ମା, ମନୀଷା ଶର୍ମା, ରେଖା ଅଗ୍ରୱାଲ, ମମତା ଅଗ୍ରୱାଲ ଏବଂ ସୃଷ୍ଟି ଶାଖାର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଝାରବନ୍ଧରେ ସ୍କୁଲ ଖେଳପଡ଼ିଆ ଜମି ଚିହ୍ନଟ ଦାବି

ଝାରବନ୍ଧ,୧୬।୨(ସମିସ): ଝାରବନ୍ଧ ବ୍ଲକ୍‌ରେ ସ୍କୁଲ ଓ ଖେଳପଡିଆ ପାଇଁ ସରକାରୀ ଭାବେ ସଂରକ୍ଷିତ ଜମିର ସ୍ଥିତିକୁ ନେଇ ଅଞ୍ଚଳରେ ଚିନ୍ତା ବୃଦ୍ଧି ପାଇଛି। ଉକ୍ତ ଜମିକୁ ପୁନଃ ଚିହ୍ନଟ କରି ଯଥୋଚିତ ଉନ୍ନତି କରାଯିବାକୁ ସ୍ଥାନୀୟ ମହଲରେ ଦାବି ଜୋରଦାର ହୋଇଛି। ୧୪ଟି ପଞ୍ଚାୟତ ଓ ୮୩ଟି ରାଜସ୍ୱ ଗାଁକୁ ନେଇ ଗଠିତ ଏହି ସୀମାନ୍ତ ବ୍ଲକ୍‌ର ୬୧ଟି ଗାଁରେ ସ୍କୁଲ ଓ ଖେଳପଡିଆ ନିମନ୍ତେ ସରକାରୀ ଭାବେ ଜମି ସଂରକ୍ଷିତ ଥିବା ସୂଚନା ଅଧିକାର ଆଇନ ମାଧ୍ୟମରେ ଜଣାପଡ଼ିଛି। କେତେକ ସ୍ଥାନରେ ୧ ଏକରରୁ ଆରମ୍ଭ କରି ୧୯ ଏକର ପର୍ଯ୍ୟନ୍ତ ଜମିରକ୍ଷିତ ଖାତାରେ ରହିଥିବା ତଥ୍ୟ ମିଳିଛି। ତେବେ ଏହି ଜମିର କିଛି ଅଂଶ ଅବୈଧ ଭାବେ ଦଖଲ ହୋଇ ମାଟି ଓ ମୋରୁମ ବିକ୍ରୟ, ଚାଷ କାମ ଏବଂ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଅଭିଯୋଗ ରହିଛି। କେତେକ ବ୍ୟକ୍ତି ମହୁଲ ଫୁଲ ସଂଗ୍ରହ କରି ବ୍ୟକ୍ତିଗତ ଲାଭ ଉଠାଉଥିବା କଥା ମଧ୍ୟ ସାମ୍ନାକୁ ଆସିଛି। ଜମିର ମୂଳ ଉଦ୍ଦେଶ୍ୟ ବାଧାପ୍ରାପ୍ତ ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ହେଉଛି। ୨୦୧୫ରେ ରାଜସ୍ୱ ଓ ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଓ ଖେଳପଡିଆ ଜମି ଚିହ୍ନଟ ସମ୍ପର୍କରେ ନିର୍ଦ୍ଦେଶ ଜାରି ହୋଇଥିଲେ ମଧ୍ୟ ତାହାର ପୂର୍ଣ୍ଣାଙ୍ଗ ପାଳନ ହୋଇ ନଥିବା ଅଭିଯୋଗ ରହିଛି। ଏହି ପରିସ୍ଥିତିରେ ସରକାର ପୁନଃ ସର୍ବେକ୍ଷଣ କରି ସମସ୍ତ ରକ୍ଷିତ ଜମିକୁ ସରକାରୀ ନିୟନ୍ତ୍ରଣ ଅଧୀନରେ ଆଣିବା ସହ ଉନ୍ନୟନ ଯୋଜନା ରୂପାୟନ କରିବାକୁ ଦାବି ହେଉଛି।

ସେଥିପାଇଁ ଉକ୍ତ ଜମିରୁ ପ୍ରାପ୍ତ ବନଜାତ ଦ୍ରବ୍ୟ ମହୁଲ, ଚାର ଇତ୍ୟାଦିର ବିକ୍ରୟ ରାଶିକୁ ସମ୍ବନ୍ଧିତ ସ୍କୁଲର ଉନ୍ନୟନ କାର୍ଯ୍ୟରେ ବ୍ୟୟ କରିବା ପାଇଁ ସ୍ପଷ୍ଟ ନୀତି ନିର୍ଦ୍ଦେଶ ଜାରି କରାଯାଉ ବୋଲି ମତ ପ୍ରକାଶ ପାଇଛି। ଏହାସହ ମୂଲ୍ୟବାନ ଗଛର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ପ୍ରଶାସନିକ ମାନଦଣ୍ଡ ନିର୍ଦ୍ଧାରଣ କରାଯିବାକୁ ଅଞ୍ଚଳବାସୀ ଆଶା କରିଛନ୍ତି। ଏହି ଜମିର ସଠିକ୍ ପରିଚାଳନା କରାଗଲେ ଗ୍ରାମାଞ୍ଚଳରେ କ୍ରୀଡା ପ୍ରତିଭା ଉଭାସିତ ହେବା ସହ ଶିକ୍ଷା ଓ ରୋଜଗାର କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଛି।

## ପ୍ରଫୁଲ୍ଲ କରଙ୍କ ପରଲୋକ



ବରଗଡ଼,୧୬।୨(ସମିସ): ବରଗଡ଼ ଗଙ୍ଗାଧର ନଗର ପଡ଼ାର ପ୍ରଫୁଲ୍ଲ କର(୭୧)ଙ୍କ ପରଲୋକ ଘଟିଛି। ସେ ଜଣେ ସମାଜସେବୀ ଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବଡ ପୁଅ ସୁରଜିତ କର ମୁଖାଗ୍ନି ଦେଇଥିଲେ।

# ପଦ୍ମପୁର ଫୁଟବଲ୍ କପ୍ ଟୁର୍ଣ୍ଣାମେଣ୍ଟ: ପଦ୍ମପୁର ଚାମ୍ପିଅନ

ପଦ୍ମପୁର,୧୬।୨(ସମିସ)




ସ୍ଥାନୀୟ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପଦ୍ମପୁର ଠାରେ ପଦ୍ମପୁର ସ୍ପୋର୍ଟସ ଆସୋସିଏସନ ତରଫରୁ ୪ ଦିବସୀୟ ପଦ୍ମପୁର ଫୁଟବଲ କପ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ପଦ୍ମପୁର ଓ କୁଚିଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମପୁର ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଡ.ଅରୁପାନନ୍ଦ ସାହୁ ଯୋଗ ଦେଇଥିଲେ। ସ୍ପୋର୍ଟ୍ସ ଆସୋସିଏସନର ସଭାପତି ଡ.ପ୍ରଭାତ ନାରାୟଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପୂର୍ବତନ ଖେଳାଳି ନନ୍ଦ କିଶୋର ମାଝୀ, ନନ୍ଦ କିଶୋର ଧାରୁଆ, ନବୀନଚନ୍ଦ୍ର ସାହୁ, ନିରଞ୍ଜନ ବହିଦାର, ନୀଳମଣି ସାହୁ, ନୀଳମାଧବ ଦୋରା, ବାସୁଦେବ ଦାଶ, କୁସୁମ ରାଓ, ଗଣେଶ ବହିଦାର, ବୟାନିଧି ସାହୁ, ନରେନ୍ଦ୍ର ସାହୁ, ଦେବାର୍ଚ୍ଚନ ଭୋଇ, ସଚ୍ଚିଦାନନ୍ଦ ବହିଦାରଙ୍କୁ ସମ୍ବର୍ଦ୍ଧନା ସହିତ ମାନପତ୍ର ପ୍ରଦାନ କରାହୋଇଥିଲା। ଫାଇନାଲ ମ୍ୟାଚ୍‌ର ବିଜେତା ଦଳକୁ ନଗଦ ୬୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପ ବିଜେତା ଦଳକୁ ନଗଦ ୪୦ ହଜାର ଟଙ୍କା ପ୍ରଦାନ କରା ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପଦ୍ମପୁରର ଟେକାରୁ ନେଗୀ, ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ କୁଚିଣ୍ଡା ଦଳର ଓମ ଖଡିଆ ଏବଂ ଶ୍ରେଷ୍ଠ କ୍ଷେତ୍ର ରକ୍ଷକ ଭାବେ ପଦ୍ମପୁରର ରାହୁଲ ଭୋଇଙ୍କୁ ପୁରସ୍କୃତ କରାହୋଇଥିଲା। ଖେଳକୁ ଅଶ୍ୱିନୀ ବେରିଆ, ସୁଧାଂଶୁ ସେଠ, ଦେବାଶିଷ ବାଗ, ନୀଳ ନାୟକ, ଦୀପକ ରାଜହଂସ, ମଣ୍ଟୁବାଗ ପରିଚାଳନା କରିଥିଲେ। ବିଦେଶୀ ସାହୁ ଓ ଚନ୍ଦ୍ରମଣି ସାହୁ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଡ.କେଶରଞ୍ଜନ ପ୍ରଧାନ, ଦ୍ୱାଦଶ ପ୍ରଧାନ ଓ ଦିବ୍ୟ କିଶୋର ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ନାରାୟଣ ପୁରୋହିତ, ପ୍ରମୋଦ ମିଶ୍ର, ରସପାଳ ଖେରା, ଅଶୋକ କଲସାଏ ପ୍ରଦୀପ ଜାଲ, ପ୍ରଦୀପ ପାତ୍ର, ନରେଶ ବାରିକ, ନରୋତ୍ତମ ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୀବ ବାରିକ ଓ ସମ୍ପାଦକ ଚିନ୍ମୟ ପଣ୍ଡା ଉପସ୍ଥିତ ଥିଲେ।

## ଡ.ସନ୍ତୋଷ ପଧାନଙ୍କୁ ହାଟ୍ରିକ ସ୍ୱର୍ଣ୍ଣ ପଦକ

ବରଗଡ଼,୧୬।୨(ସମିସ): ମଧ୍ୟ ପ୍ରଦେଶର ଜବଲପୁର ଇଞ୍ଜିନିୟର କଲେଜରେ ଗତ ୧୩ରୁ ୧୫ ଫେବୃଆରୀ ଯାଏଁ ଆୟୋଜିତ ୪୫ତମ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ବରଗଡ଼ ସରଳା ମାଟିର ପୁଅ କ୍ରୀଡାବିତ୍ ଡ.ସନ୍ତୋଷ ପଧାନ ପୁଣି କମାଲ କରିଛନ୍ତି। ଓଡ଼ିଶା ମାଷ୍ଟର୍ସ ସଂଘ ତରଫରୁ ଅଂଶଗ୍ରହଣ କରି ନିଜର ବ୍ୟକ୍ତିଗତ ଇଭେଣ୍ଟ ଲଙ୍ଗ ଜମ୍ପ୍, ଟ୍ରିପଲ ଜମ୍ପ୍ ଏବଂ ଶହେ ମିଟର ବାଧା ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।




ଜାତୀୟ ମାଷ୍ଟର୍ସ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପାଖାପାଖି ପ୍ରାୟ ହଜାରେରୁ ଉର୍ଦ୍ଧ୍ୱ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗତ ଜାନୁଆରୀରେ ହାଇଦ୍ରାବାଦର ଗୋଚ୍ଛାବଲୀ ଷ୍ଟାଡିୟମରେ ଆୟୋଜିତ ହୋଇ ଥିବା ଅଲ୍‌ଇଣ୍ଡିଆ ମାଷ୍ଟର ଟ୍ରେକ ଆଣ୍ଡ ଫିଲ୍ଡ ଚାମ୍ପିଅନସିପ୍‌ରେ ମଧ୍ୟ ଓଡ଼ିଶା ତଥା ନିଜ ଅଞ୍ଚଳ ପାଇଁ ହାଟ୍ରିକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ହୋଇ ଆସୁଥିବା ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ଖେଳ ପ୍ରତିଯୋଗିତାରେ ଲଗାତାର ଭାବେ ହାଟ୍ରିକ ପଦକ ପାଇ ମାଷ୍ଟର୍ସ ପ୍ରତିଯୋଗିତାରେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଆଜି ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ଜିଲ୍ଲାର ସମସ୍ତ କ୍ରୀଡାପ୍ରେମୀ ମାନଙ୍କୁ ଯୋଗ ଓ ବ୍ୟାୟାମ ମାଧ୍ୟମରେ ନିଜକୁ ସୁସ୍ଥ ରହିବା ପାଇଁ ଅନୁରୋଧ କରିଛନ୍ତି। ବର୍ତ୍ତମାନ ଡ.ପଧାନ ବରଗଡ଼ ଜିଲ୍ଲାରିଜର୍ଭ ପୁଲିସ ଠାରେ କାର୍ଯ୍ୟରତ ଅଛନ୍ତି।

